# ଓଡିଶା ପୁଷ୍ଟିଶସ୍ୟ ମିଶନର ସଫଳ କାହାଣୀ, ରାୟଗଡା

ଏହି ତଥ୍ୟପତ୍ରରେ ଜିଲ୍ଲା ସ୍ତରୀୟ ବାର୍ତ୍ତା ଭୁବନେଶ୍ୱରସ୍ଥିତ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ପ୍ରଫେସର ଶ୍ରୀଜିତ୍ ମିଶ୍ର ଓ ତାଙ୍କ ସହଯୋଗୀଙ୍କ ଅଧ୍ୟୟନ, "ଓଡିଶାର ଆଦିବାସୀ ଅଞ୍ଚଳରେ ପୁଷ୍ଟିଶସ୍ୟ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର (ଓଡିଶା ପୁଷ୍ଟିଶସ୍ୟ ମିଶନର) ଜମିର ପରିମାଣ, ଅମଳ, ଉତ୍ପାଦନ ଏବଂ ଉତ୍ପାଦିତ ଶସ୍ୟର ମୂଲ୍ୟ, ୨୦୧୭-୧୮, ପର୍ଯ୍ୟାୟ-୧।" ଓ ପ୍ରାରମ୍ଭ (୨୦୧୬-୧୭) ସ୍ଥିତିର ଉପସ୍ଥାପନାରୁ ବ୍ୟୁତ୍ପାଦିତ।

## ଓଡିଶା ପୁଷ୍ଟିଶସ୍ୟ ମିଶନର କାହାଣୀ

୨୦୧୭ ଖରିଫ ଋତୁରେ ଓଡିଶା ସରକାର ଦ୍ୱାରା ପୁଷ୍ଟିଶସ୍ୟକୁ କୃଷିକ୍ଷେତ୍ର ଓ ଖାଦ୍ୟଥାଳିରେ ପ୍ରୋତ୍ସାହିତ କରାଇଥିଲେ, କାରଣ –

କ) ପୁଷ୍ଟିଶସ୍ୟରେ ଅଧିକ ପରିମାଣର ପୌଷ୍ଟିକତା ଅଛି (ଅଣୁଖାଦ୍ୟସାର ମଧ୍ୟ ଅଛି, ଯାହାକି ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରେ)

ଖ) ପୁଷ୍ଟିଶସ୍ୟରେ ଜୈବିକ (କୀଟ ଓ ତୃଣ) ଏବଂ ଅଜୈବିକ (ତାପମାତ୍ରା ଓ ଆଦ୍ରତା) ସହଣୀ ଶକ୍ତି ଅଧିକ ଥାଏ।

## ଆକଳନର ପ୍ରଣାଳୀ

ବ୍ଲକ-ଋତୁ-ଫସଲ-ଚାଷପ୍ରଣାଳୀର ଫସଲ କଟା ପରୀକ୍ଷଣର ସର୍ବନିମ୍ନ ଅମଳକୁ ଓଡିଶା ପୁଷ୍ଟିଶସ୍ୟ ଅଧୀନରେ ହୋଇଥିବା ସେଇ ବ୍ଲକ-ଋତୁ-ଫସଲ-ଚାଷପ୍ରଣାଳୀର ସମୁଦାୟ ଚାଷ କ୍ଷେତ୍ରଫଳରେ ପକାଇ ଏକ ଉତ୍ପାଦନର ଆକଳନ କରାଯାଇଛି। ଉତ୍ପାଦନର ମୂଲ୍ୟ ପାଇଁ କାର୍ଯ୍ୟକ୍ରମ ପ୍ରାରମ୍ଭରୁ ବ୍ଲକ-ଫସଲ-ନିର୍ଦ୍ଦିଷ୍ଟ ମୂଲ୍ୟକୁ ନିଆଯାଇଛି।

ବଳିଷ୍ଠ ତଦାରଖ ପାଇଁ, ଦୁଇଟି ନିର୍ଦ୍ଦିଷ୍ଟ ବୈକଳ୍ପିକ ବ୍ୟବହାର କରାଯାଇଛି । ଗୋଟିଏ ହେଉଛି ତିନୋଟି ଫସଲ କଟା ପରୀକ୍ଷଣରୁ ମିଳିଥିବା ସର୍ବନିମ୍ନ ଅମଳ ଏବଂ ଅନ୍ୟଟି ସମସ୍ତ ନିର୍ଦ୍ଦିଷ୍ଟ ନିୟନ୍ତ୍ରଣ ସହ ଫସଲ କଟା ପରୀକ୍ଷଣର ହାରାହାରି ମୂଲ୍ୟ। ବ୍ଲକ-ଋତୁ-ଫସଲ-ଚାଷପ୍ରଣାଳୀରୁ ପାଇଥିବା ସର୍ବନିମ୍ନ ଅମଳ ଯୁକ୍ତିଯୁକ୍ତ ମନେହୁଏ କାରଣ ଏହା ଦୁଇଟି ବୈକଳ୍ପିକ ମଧ୍ୟରେ ଅବସ୍ଥିତ।


## କାର୍ଯକ୍ରମର ପରିସର

**ରାୟଗଡା ଜିଲ୍ଲାରେ ଓଡିଶା ପୁଷ୍ଟିଶସ୍ୟ ମିଶନର ପ୍ରଥମ ବର୍ଷରେ ଅନ୍ତର୍ଭୁକ୍ତ ବ୍ଲକ**





## ଫଳାଫଳ: ଓଡିଶା ପୁଷ୍ଟିଶସ୍ୟ ମିଶନର ପ୍ରଥମ ବର୍ଷର ହସ୍ତକ୍ଷେପ ପରେ ପରିବର୍ତ୍ତନ


### ଚାଷୀ ପରିବାରର ହାରାହାରି ଚାଷ ଜମି (ହେକ୍ଟର)





### ହେକ୍ଟର ପିଛା ଉତ୍ପାଦନ (କୁଇଣ୍ଟାଲରେ)




### ହେକ୍ଟର ପିଛା ଉତ୍ପାଦନର ମୂଲ୍ୟ (ଟଙ୍କା, ₹)




### ପ୍ରତି ଚାଷୀ ପରିବାରର ଉତ୍ପାଦନର ମୂଲ୍ୟ (ଟଙ୍କା, ₹)




**ରାୟଗଡା ଜିଲ୍ଲାର ନିମ୍ନଲିଖିତ ପରିବର୍ତ୍ତନ ଓଡିଶା ପୁଷ୍ଟିଶସ୍ୟ ମିଶନର ପ୍ରଥମ ବର୍ଷର ହସ୍ତକ୍ଷେପରେ**

- ଚାଷୀ ପରିବାରର ମିଶନ ଅନ୍ତର୍ଭୁକ୍ତ ପୁଷ୍ଟିଶସ୍ୟର ହାରାହାରି ଚାଷ ଜମି ୩.୪୩ ଗୁଣା ବୃଦ୍ଧି ପାଇଥିଲା, ୦.୩୧ ହେକ୍ଟର ରୁ ୧.୦୭ ହେକ୍ଟର
- ଅମଳ ୩.୮୭ ଗୁଣା ବୃଦ୍ଧି ପାଇଥିଲା, ହେକ୍ଟର ପିଛା ୩.୮୩ କୁଇଣ୍ଟାଲ ରୁ ୧୪.୮୫ କୁଇଣ୍ଟାଲ
- ଉତ୍ପାଦକର ମୂଲ୍ୟ ୪.୫୧ଗୁଣା ବୃଦ୍ଧି ବୃଦ୍ଧି ପାଇଥିଲା, ହେକ୍ଟର ପିଛା ₹୪,୮୪୮ ରୁ ₹୨୧,୮୫୩
- ପ୍ରତି ଚାଷୀ ପରିବାରରେ ଉତ୍ପାଦକର ମୂଲ୍ୟ ୧୫.୪୪ ଗୁଣା ବୃଦ୍ଧି ପାଇଥିଲା, ହେକ୍ଟର ପିଛା ₹୧,୫୧୭ ରୁ ₹୨୩,୪୧୫

## ବ୍ଲକ ମାନଙ୍କର ଫଳାଫଳ

| ଜାଗାର ନାମ | ଚାଷୀ ପରିବାରର ହାରାହାରି ଚାଷ ଜମି (ହେକ୍ଟର) | | ହେକ୍ଟର ପିଛା ଉତ୍ପାଦନ (କୁଇଣ୍ଟାଲରେ) | | ହେକ୍ଟର ପିଛା ଉତ୍ପାଦନର ମୂଲ୍ୟ (ଟଙ୍କା, ₹) | | ପ୍ରତି ଚାଷୀ ପରିବାରର ଉତ୍ପାଦନର ମୂଲ୍ୟ (ଟଙ୍କା, ₹) | |
|---|---|---|---|---|---|---|---|---|
| | ୨୦୧୬-୨୦୧୭ | ୨୦୧୭-୨୦୧୮ | ୨୦୧୬-୨୦୧୭ | ୨୦୧୭-୨୦୧୮ | ୨୦୧୬-୨୦୧୭ | ୨୦୧୭-୨୦୧୮ | ୨୦୧୬-୨୦୧୭ | ୨୦୧୭-୨୦୧୮ |
| ଗୁଡାରୀ | ୦.୨୯ | ୧.୦୨ | ୩.୪୦ | ୧୫.୯୧ | ୬୧୫୬ | ୨୯୧୮୦ | ୧୭୬୫ | ୨୯୭୫୪ |
| ଗୁଣୁପୁର | ୦.୨୨ | ୧.୨୮ | ୩.୨୧ | ୧୩.୬୪ | ୫୦୭୭ | ୨୧୫୫୩ | ୧୦୯୨ | ୨୭୪୮୨ |
| ରାୟଗଡା | ୦.୪୨ | ୦.୮୮ | ୪.୨୦ | ୧୬.୦୭ | ୪୬୨୪ | ୧୭୬୭୩ | ୧୯୪୨ | ୧୫୫୩୬ |
| ରାୟଗଡା | ୦.୩୧ | ୧.୦୭ | ୩.୮୩ | ୧୪.୮୫ | ୪୮୪୮ | ୨୧୮୫୩ | ୧୫୧୭ | ୨୩୪୧୫ |
| ଓଡିଶା | ୦.୪୨ | ୦.୬୦ | ୫.୭୯ | ୧୨.୭୨ | ୯୪୪୭ | ୨୦୭୧୦ | ୩୯୫୭ | ୧୨୪୮୬ |

ncds_bbsr@dataone.in http://ncds.nic.in, http://www.milletsodisha.com @ncdsbhubaneswar, @milletsmission @ncds_bbsr, @MilletsOdisha

Powered by

# ଓଡିଶା ପୁଷ୍ଟିଶସ୍ୟ ମିଶନର ସଫଳ କାହାଣୀ, ରାୟଗଡା


WASSAN

## ବ୍ଲକସ୍ତରୀୟ ଫଳାଫଳ

### ପୁଷ୍ଟିଶସ୍ୟ ଚାଷ : ମାଣ୍ଡିଆ


ଓଡିଶା ପୁଷ୍ଟିଶସ୍ୟ ମିଶନ କାର୍ଯ୍ୟକ୍ରମରେ ପ୍ରଥମ ବର୍ଷରେ ରାୟଗଡା ଜିଲ୍ଲାରେ ୮୦୩.୬୧ହେକ୍ଟରରେ ମାଣ୍ଡିଆ ଚାଷ କରାଯାଇଥିଲା। ହେକ୍ଟର ପିଛା ୧୪.୮୫ କୁଇଣ୍ଟାଲ ହାରାହାରି ଅମଳ ହିସାବରେ ୧୧୯୨୯.୭୬ କୁଇଣ୍ଟାଲ ଉତ୍ପାଦନ ହୋଇଥିଲା।  ଜିଲ୍ଲାର ରାୟଗଡା ବ୍ଲକରେ ସର୍ବମୋଟ ହେକ୍ଟର ପିଛା ୧୬.୦୭ କୁଇଣ୍ଟାଲ ଅମଳ ହୋଇଥିଲା ବେଳେ ଗୁଣୁପୁର ବ୍ଲକର ଅମଳ ଜିଲ୍ଲାରେ ସର୍ବନିମ୍ନ ଥିଲା।

### ରାୟଗଡା ଜିଲ୍ଲାର ବ୍ଲକ ମାନଙ୍କରେ ମାଣ୍ଡିଆର ଅମଳ





## ଚାଷ ପ୍ରଣାଳୀ ଅନୁସାରେ ଫଳାଫଳ


### ଚାଷ ପ୍ରଣାଳୀ ଅନୁସାରେ ଜମିର ଭାଗ





### ଚାଷ ପ୍ରଣାଳୀ ଅନୁସାରେ ଉତ୍ପାଦନର ଭାଗ




### ଚାଷ ପ୍ରଣାଳୀ ଅନୁସାରେ ଅମଳ





### ଚାଷ ପ୍ରଣାଳୀ ଅନୁସାରେ ବ୍ଲକ, ଜିଲ୍ଲା ଓ ରାଜ୍ୟରେ ଉତ୍ପାଦନର ତୁଳନାତ୍ମକ ତଥ୍ୟ





ଚାଷର ପ୍ରଣାଳୀ ଅନୁସାରେ ରାୟଗଡା ଜିଲ୍ଲାରେ ୬୪% ଚାଷ ଜମିରୁ ୫୬% ଉତ୍ପାଦନ ଧାଡିରୋପାରୁ ଆସିଥିଲା। ଶ୍ରୀ ପ୍ରଣାଳୀରେ ଧାଡିରୋପା ପ୍ରଣାଳୀ ଠାରୁ ୧.୪୫ ଗୁଣା ଅଧିକ ଅମଳ ଦେଇଥିଲା। ଜିଲ୍ଲାରେ ମିଶନର ପ୍ରଥମ ବର୍ଷରେ ଧାଡିବୁଣାରେ ଚାଷ ହୋଇନଥିଲା।

## ଋତୁ ଅନୁସାରେ ଫଳାଫଳ


### ଋତୁ ଅନୁସାରେ ଚାଷ ଜମିର ଭାଗ




### ଋତୁ ଅନୁସାରେ ଉତ୍ପାଦନର ଭାଗ




### ଋତୁ ଅନୁସାରେ ଅମଳ




ଋତୁ ଅନୁସାରେ ରାୟଗଡା ଜିଲ୍ଲାର ୯୭% କ୍ଷେତ୍ରଫଳ ଭାଗ ଏବଂ ୯୮% ଉତ୍ପାଦନ ଭାଗ ଖରିଫରେ ହୋଇଥିଲା। ଖରିଫ ର ଅମଳ ହେକ୍ଟର ପିଛା ୧୫.୦୮କୁଇଣ୍ଟାଲ ଥିଲା ଯାହାକି ରବି ଚାଷ ଠାରୁ ୧.୮୯ ଗୁଣା ଅଧିକ ଥିଲା।